# India strongly condemns the heinous terror attack on a Gurudwara in Kabul today

March 25, 2020

# ଆଜି କାବୁଲର ଗୁରୁଦ୍ୱାରା ଉପରେ ହୋଇଥିବା ଏହି ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ ଭାରତ ଦୃଢ ଭାବରେ ନିନ୍ଦା କରିଛି

ମାର୍ଚ୍ଚ 25, 2020

ଆମେ ମୃତକଙ୍କ ନିକଟସ୍ଥ ପରିବାର ସଦସ୍ୟଙ୍କୁ ଆମର ଆନ୍ତରିକ ସମବେଦନା ଜଣାଉଛୁ ଏବଂ ଆହତମାନଙ୍କୁ ଶୀଘ୍ର ଆରୋଗ୍ୟ ହେବା ପାଇଁ କାମନା କରୁଛୁ।ଆଫଗାନିସ୍ତାନର ହିନ୍ଦୁ ଏବଂ ଶିଖ ସମ୍ପ୍ରଦାୟର ପ୍ରଭାବିତ ପରିବାରକୁ ଭାରତ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି।

ବିଶେଷ କରି ଏହି COVID 19 ମହାମାରୀ ସମୟରେ ସଂଖ୍ୟାଲଘୁ ସଂପ୍ରଦାୟର ଧାର୍ମିକ ପୂଜା ସ୍ଥଳରେ ଏହି ଭଳି ଭୀରୁତାପୂର୍ଣ୍ଣ ଆକ୍ରମଣ ଅପରାଧୀ ଏବଂ ସେମାନଙ୍କ ସମର୍ଥକଙ୍କର କ୍ରୁରତାପୂର୍ଣ୍ଣ ମାନସିକତାକୁ ପ୍ରତିଫଳିତ କରିଥାଏ।

ଆମେ ସାହସୀ ଆଫଗାନିସ୍ତାନ ସୁରକ୍ଷା ବାହିନୀଙ୍କର ଏହି ଆକ୍ରମଣ ପ୍ରତି ତାଙ୍କର ବଳିଷ୍ଠ ପ୍ରତିକ୍ରିୟା ଏବଂ ଆଫଗାନିସ୍ତାନର ଲୋକଙ୍କୁ ସୁରକ୍ଷା ଦେବା ତଥା ଦେଶକୁ ସୁରକ୍ଷିତ କରି ରଖିବା ପାଇଁ ସେମାନଙ୍କର ଆଦର୍ଶ ସାହସ ଏବଂ ନିଷ୍ଠାକୁ ଆମେ ପ୍ରଶଂସା କରୁଛୁ।

ଭାରତ ଦେଶର ଶାନ୍ତି ଏବଂ ସୁରକ୍ଷାକୁ ଫେରାଇ ଆଣିବା ପାଇଁ ଆଫଗାନିସ୍ତାନର ଲୋକ, ସରକାର ଏବଂ ଆଫଗାନିସ୍ତାନର ସୁରକ୍ଷା ବାହିନୀ ସହିତ ଏକତାର ସହିତ ଠିଆ ହୋଇ ରହିଛି।

**ନୂଆ ଦିଲ୍ଲୀ**
**ମାର୍ଚ୍ଚ 25, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.